ଶନିବାର, ୬ ଜାନୁଆରୀ, ୨୦୨୪

# ପିଲାଙ୍କ ଧରିତ୍ରୀ



## ଖିଲି ଖିଲି ହସ

ସାଣ୍ଟା ଟ୍ରେନରେ ଯାତ୍ରା କରୁଥିବାବେଳେ...
ଟିଟିଆଇ-ଟିକେଟ୍ ଦେଖାଅ...
ସାଣ୍ଟା-ଦୟା କରନ୍ତୁ ସାର ମୋର୍ ଟିକେଟ୍ ନାହିଁ...
ଟିଟିଆଇ-କେଉଁଠାକୁ ତୁମେ ଯାଉଛ ?
ସାଣ୍ଟା-ରାମଙ୍କ ଜନ୍ମ ସ୍ଥାନ ଅଯୋଧ୍ୟା ।
ଟିଟିଆଇ-ହଉ,ଆସ ଯିବା ।
ସାଣ୍ଟା-ହେଲେ,କୁଆଡ଼େ ?
ଟିଟିଆଇ-କୃଷ୍ଣଙ୍କ ଜନ୍ମ ସ୍ଥାନ ଜେଲ୍‌କୁ ।

(ଦୁଇ ସାଙ୍ଗ ମଧ୍ୟରେ କଥାବାର୍ତ୍ତା)
ପ୍ରଥମ ସାଙ୍ଗ: ତୋ ବାପା କ'ଣ କରୁଛନ୍ତି ?
ଦ୍ୱିତୀୟ ସାଙ୍ଗ : ଏଚ୍‌ଡିଏଫ୍‌ସିର ମାଲିକ ଅଛନ୍ତି
ପ୍ରଥମ ସାଙ୍ଗ: ଆରେ ବାଃ ,ଏଚ୍‌ଡିଏଫ୍‌ସି ବ୍ୟାଙ୍କର ମାଲିକ ?
ଦ୍ୱିତୀୟ ସାଙ୍ଗ : ନା ନା , ତାଙ୍କର ହୀରାଲାଲ ଦହି ବରା ଫାଲୁଦା ସେଣ୍ଟର (ଏଚ୍‌ଡିଏଫ୍‌ସି)ଅଛି !

ମା' ପୁଅ ମଧ୍ୟରେ କଥାବାର୍ତ୍ତା
ପୁଅ- ମା' ମୋର ନୂଆ ସ୍ୱେଟରଟା ଡିଟରଜେଣ୍ଟରେ ସଫା କରିଦେବା। ମା'-ଆରେ ପୁଅ ତୋ ସ୍ୱେଟରଟା ସଫା କରୁ କରୁ ଛୋଟ ହୋଇଯାଇଛି। ପୁଅ-ଏବେ କ'ଣ କରିବା ମୋତେ ତ ହେବନି ! ମା'-ତୁ ଗୋଟେ କାମ କର ସେଇ ଡିଟରଜେଣ୍ଟରେ ତୁ ଗାଧୋଇପଡ଼ ଦେଖିବୁ ତୁ ତୋ ସ୍ୱେଟର ସାଇଜ୍‌ର ହୋଇଯିବୁ।

ପିଲାଙ୍କ ଧରିତ୍ରୀ

ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ଥଣ୍ଡା ଲାଗୁଛି

ଗପ



ବୁବୁନାର ସବୁ ଗୁଣ ଭଲ, ହେଲେ ସେ ଟିକିଏ ଜିଦିଆ। ସବୁ କଥାରେ ଜିଦ୍ କରିବା ତା'ର ଗୋଟେ ଖରାପ ଅଭ୍ୟାସ। ଏହି କାରଣରୁ କେହି କେହି ତା' ଉପରେ ଖୁବ୍ ବିରକ୍ତ ହୁଅନ୍ତି। ଶୀତଦିନେ ବୁବୁନାର ଏ ଜିଦ୍ ଟିକେ ଅଧିକ ଥାଏ। ସକାଳୁ ଉଠିବା ଓ ଗାଧୁଆପାଧୁଆ କରିବା ପାଇଁ ବହୁ ହଇରାଣ କରେ। ସହଜେ ତ ଶୀତ ପାଇଁ ପ୍ରାୟ ସମସ୍ତଙ୍କୁ ଅଡୁଆ ଲାଗେ। ସେଥିରେ ପୁଣି ସକାଳୁଆ ସ୍କୁଲ, ଏମିତି ପରିସ୍ଥିତିରେ ବୁବୁନାର ସ୍କୁଲ ଯିବାକୁ ଆଦୌ ଇଚ୍ଛା ନ ଥାଏ। ଦେହ ଭଲ ଲାଗୁନି, ଶୀତ ଲାଗୁଛି ଏସବୁର ବାହାନା ନେଇ ସେ ଘରେ ରହିବାକୁ ଜିଦ୍ କରେ।

ସେଦିନ ସକାଳୁ ବୁବୁନାର ମାଆ ଯେତେ ବୁଝେଇଲେ ବି ସେ କିନ୍ତୁ ସେଇ ଗୋଟିଏ ଜିଦ୍ ଆଜି ସେ ସ୍କୁଲ ଯିବନି। ଶେଷରେ ମା' ବିରକ୍ତ ହୋଇ ଗାଳିଦେବାରୁ ବୁବୁନା ଆସି ଜେଜେଙ୍କ କୋଳରେ ବସିପଡ଼ିଲା। ଜେଜେ ତାକୁ ଗେଲ କରି କମ୍ବଳରେ ଘୋଡ଼େଇ ଦେଲେ। ଜେଜେଙ୍କ କୋଳ ହିଁ ବୁବୁନା ପାଇଁ ସବୁଠୁ ସୁରକ୍ଷିତ ଜାଗା। ଘରେ କେହି ଗାଳିମନ୍ଦ କଲେ ସେ ସଙ୍ଗେ ସଙ୍ଗେ ଦୌଡ଼ି ଆସି ବସିପଡ଼େ ଜେଜେଙ୍କ କୋଳରେ।

ଓଃ କି ଥଣ୍ଡା ! ବୁବୁନାର ଏ କଥା ଶୁଣି ହସିଦେଇ ଜେଜେ କହିଲେ, ଆଚ୍ଛା ତୁ ତା'ହେଲେ ଏ ଶୀତକୁ ଡରି ସ୍କୁଲ ଯିବାକୁ ଚାହୁଁନୁ। ତା'ହେଲେ କହିଲୁ ଶୀତଦିନେ ଆମକୁ ଥଣ୍ଡା କାହିଁକି ଲାଗେ ? ସେ ଟିକିଏ ଚିନ୍ତା କରି ନିରାଶ ମୁହଁରେ ଜେଜେଙ୍କୁ ଚାହିଁଲା। ଜେଜେ ଥିଲେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ। ବୁବୁନାର ମନକଥା ଜାଣି ଜେଜେ କହିଲେ, ଶୁଣ୍ ବୁବୁନା, ଆମକୁ କ'ଣ କେବେ ଖରାଦିନେ ଥଣ୍ଡା ଲାଗେ ? ସଙ୍ଗେ ସଙ୍ଗେ ବୁବୁନା କହିଲା, ନା ଜେଜେ, ଖରାଦିନେ ତ ଆମକୁ ଗରମ ଲାଗେ। ଜେଜେ କହିଲେ ଏଇ ଶୀତଦିନେ ହିଁ ଆମକୁ ଥଣ୍ଡା ଲାଗେ। ଯା ପଛରେ ଗୋଟିଏ ସୁନ୍ଦର ବିଜ୍ଞାନ ରହିଛି। ଆମ ସୌରଜଗତରେ ସୂର୍ଯ୍ୟଙ୍କ ଚାରିପାଖେ ଗ୍ରହମାନେ ନିଜ ନିଜ କକ୍ଷ ପଥରେ ଘୂରି ବୁଲୁଛନ୍ତି। ଗ୍ରହମାନଙ୍କ ଏହି କକ୍ଷପଥ ସମ୍ପୂର୍ଣ୍ଣ ବୃତ୍ତାକାର ନୁହେଁ, ତାହା ଆଂଶିକ ଭାବେ ଚେପଟା। ଯେଉଁଥିପାଇଁ ପୃଥିବୀ କେବେ ସୂର୍ଯ୍ୟଙ୍କ ଅତି ନିକଟତର ହୋଇଥାଏ ତ ଆଉ କେବେ ଟିକିଏ ଦୂରକୁ ଚାଲି ଆସିଥାଏ। ପୃଥିବୀର ଗତି ଓ ସୂର୍ଯ୍ୟଙ୍କ ମଧ୍ୟରେ ଥିବା ଦୂରତାକୁ ନେଇ ଆମେ ଗୋଟିଏ ବର୍ଷରେ ଭିନ୍ନ ଭିନ୍ନ ଋତୁ ଅନୁଭବ କରିଥାଉ। ଶୀତଦିନେ ପୃଥିବୀ ଓ ସୂର୍ଯ୍ୟଙ୍କ ଭିତରେ ଥିବା ଦୂରତା କିଛି ମାତ୍ରାରେ ବଢ଼ିଯାଏ। ଯେଉଁଥିପାଇଁ ଦିନ ଛୋଟ ଏବଂ ରାତି ବଡ଼ ହୋଇଥାଏ। ଦୂରତା ବୃଦ୍ଧି ହେତୁ ସୂର୍ଯ୍ୟଙ୍କ କିରଣ ପୃଥିବୀ ଉପରେ କମ୍ ପଡ଼ିଥାଏ। ଯାହାଦ୍ୱାରା ବାୟୁମଣ୍ଡଳର ତାପମାତ୍ରା କମ୍ ରହିଥାଏ। ଆମ ଶରୀରର ତାପମାତ୍ରା ବାୟୁମଣ୍ଡଳର ତାପମାତ୍ରାଠାରୁ ଅଧିକ ଥିବାରୁ ତାପ ଆମ ଶରୀରରୁ ବାୟୁ ମଣ୍ଡଳକୁ ନିର୍ଗତ ହୋଇଥାଏ। ଶରୀରରୁ ଉତ୍ତାପ ବାହାରିବା ଫଳରେ ଆମକୁ ଥଣ୍ଡା ଅନୁଭବ ହୁଏ। ଖରାଦିନେ ଏହାର ଠିକ୍ ବିପରୀତ ପ୍ରକ୍ରିୟା ହେଉଥିବା ହେତୁ ଆମକୁ ଗରମ ଅନୁଭବ ହୁଏ। ତେଣୁ ଶୀତଦିନେ ଆମେ ଶରୀରର ତାପମାତ୍ରାକୁ ନିୟନ୍ତ୍ରଣ କରିବା ପାଇଁ ସ୍ୱେଟର ଅବା ପଶମ ପୋଷାକ ପିନ୍ଧୁ, ଯାହାଦ୍ୱାରା ବାୟୁମଣ୍ଡଳ ଏବଂ ଆମ ଶରୀର ମଧ୍ୟରେ ହେଉଥିବା ତାପର ବିନିମୟ ହ୍ରାସ ପାଏ ଏବଂ ଆମକୁ ଥଣ୍ଡାରୁ ଆରାମ ମିଳିଥାଏ।

ଜେଜେଙ୍କ କଥା ସରିବା ବେଳକୁ ବୁବୁନା ମୁହଁରେ ହସ ଖେଳି ଆସିଥିଲା। ତାକୁ ବୁଝେଇ ଦେଇ ଜେଜେ ପୁଣି କହିଲେ, ଆମକୁ ସବୁ ଋତୁ ସହିତ ଖାପ ଖୁଆଇ ଖୁସିରେ ଚାଲିବାକୁ ହେବ। ତୁ କ'ଣ ଏଇ ଶୀତକୁ ଡରି ସ୍କୁଲ ଯିବୁନି ? ଜେଜେଙ୍କ କୋଳରୁ ଉଠିଯାଇ ବୁବୁନା କହିଲା ନା ଜେଜେ, ଆଜିଠୁ ମୁଁ ଆଉ ଶୀତକୁ ଡରିବିନି। ଏବେ ମୁଁ ସ୍କୁଲ ଚାଲିଲି।

**- ପ୍ରଭଞ୍ଜନ ଦାଶ**
ମେଘେଶ୍ୱର କଲୋନୀ, ଟଙ୍କପାଣି ରୋଡ୍, ଭୁବନେଶ୍ୱର
ମୋ: ୭୩୨୬୭୯୯୯୯୫

## ମତାମତ

▸▸ ଏଥର 'ଗପ' ସ୍ତମ୍ଭରେ ପ୍ରକାଶିତ 'ନିଆରା ନୂଆବର୍ଷ' ପଢ଼ି ଭଲ ଲାଗିଲା।

**-ଅନ୍ୱେଷ କୁମାର ଦାସ, ବଡବିଲ**

▸▸ 'କଳିକା' ପୃଷ୍ଠାଟି ବେଶ୍ ସୁନ୍ଦର ହୋଇଛି।

**-ସୁନୟନା ପ୍ରିୟଦର୍ଶିନୀ, ଢେଙ୍କାନାଳ**

▸▸ ଏଥର 'କବିତା' ପୃଷ୍ଠାରେ ନୂଆବର୍ଷ ଉପରେ ପ୍ରକାଶିତ କବିତାଗୁଡ଼ିକ ପଢ଼ି ଭଲ ଲାଗିଲା।

**-ତୁଷାର ସାହୁ, କଟକ**


▸▸ 'କହିଲ ଦେଖି' ସ୍ତମ୍ଭଟି ପଢ଼ିବାକୁ ଭଲ ଲାଗୁଛି।

**-ବିନାୟକ ନାୟକ, ରାଉରକେଲା**


▸▸ 'ତୁମ ତୂଳୀରୁ' ସ୍ତମ୍ଭରେ ପ୍ରକାଶିତ ଚିତ୍ରଗୁଡ଼ିକ ସୁନ୍ଦର ଦେଖାଯାଉଛି।

**-ପ୍ରିୟଙ୍କା ପାଣି, ପୁରୀ**

## ରଙ୍ଗ ଦିଅ



# ଗୁମ୍ଫାରେ ରହୁଥିବା ମଣିଷ



ପ୍ରାୟ ସବୁ ଦେଶରେ ହଜାର ହଜାର ବର୍ଷର ପୁରୁଣା ପ୍ରାସାଦ ଦେଖିବାକୁ ମିଳେ, ଯାହାକୁ ୟୁନେସ୍କୋ ବିଶ୍ୱ ଐତିହ୍ୟ ତାଲିକାରେ ସ୍ଥାନ ଦେଇଛି। ଇରାନରେ ମଧ୍ୟ ଏଭଳି ଅନେକ ପ୍ରାସାଦ ଓ ପର୍ଯ୍ୟଟନ ସ୍ଥଳ ଅଛି। ସେଥିମଧ୍ୟରେ ରହିଛି ବିଭିନ୍ନ ପାହାଡ଼ ଏବଂ ଦୂରଦୂରାନ୍ତ ଯାଏ ବ୍ୟାପିଥିବା ପଥୁରିଆ ଅଞ୍ଚଳ। ସେହିସବୁ ପାହାଡ଼ର ଗୁମ୍ଫାରେ ହଜାର ହଜାର ବର୍ଷ ପୂର୍ବରୁ ଲୋକମାନେ ବସବାସ କରି ଆସୁଛନ୍ତି।

ଇରାନର ଏକ ସର୍ବପୁରାତନ ଗାଁ ମେମନ୍ଦ। ରାଜଧାନୀ ତେହେରାନଠାରୁ ୯୦୦ କି.ମି. ଦୂରରେ ଏହା ଅବସ୍ଥିତ। ଏହି ଗାଁରେ ଯାଯାବର ଭଳି ଲୋକେ କେବେ ବି ଗୋଟେ ସ୍ଥାନରେ ବସବାସ କରନ୍ତି ନାହିଁ। ସେମାନେ ପାହାଡ଼ର ଗୁମ୍ଫା ମଧ୍ୟରେ ରହିଥାନ୍ତି। ପ୍ରଥମେ ଗୁମ୍ଫାର ପଥରକୁ କାଟି ସୁନ୍ଦର ଘର ନିର୍ମାଣ କରନ୍ତି। ଏହାପରେ ବିଭିନ୍ନ ଚିତ୍ରକଳା ଓ ସାଜସଜ୍ଜା କରିବା ପରେ ରହିଥାନ୍ତି। ୧୦,୦୦୦ ବର୍ଷର ପୁରୁଣା ଗୁମ୍ଫା ଭାବେ ଏବେ ବି ଏଠାରେ କେତେକ ସୁରକ୍ଷିତ ଅବସ୍ଥାରେ ଅଛି।

ମଧ୍ୟଇରାନର ଅଧିକାଂଶ ପାହାଡ଼ ଅଞ୍ଚଳ ବର୍ଷସାରା ଶୁଷ୍କ ରହେ। ତେଣୁ ଗ୍ରୀଷ୍ମ ଯେମିତି ଭୀଷଣ ହୁଏ ଶୀତ ମଧ୍ୟ ସେହିପରି ପ୍ରବଳ ପଡ଼େ। ଯେଉଁଥିପାଇଁ ସେଠାକାର ଲୋକମାନେ ଋତୁ ଅନୁସାରେ ଗୁମ୍ଫାରେ ବସବାସ କରିଥାନ୍ତି। ଅତ୍ୟଧିକ ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ପାଇଁ ସେମାନେ ଭୁସି, ଚୋକଡ଼କୁ ପେଷ୍ଟ ଭଳି କରି ପଥର ଉପରେ ମଡ଼େଇ ଦିଅନ୍ତି, ଯାହାଫଳରେ ଗ୍ରୀଷ୍ମରୁ ମୁକ୍ତି ମିଳେ।

ଜନଶ୍ରୁତିରୁ ଜଣାଯାଏ ବହୁ ପୂର୍ବରୁ ସେଠାରେ ୪୦୦ଟି ଗୁମ୍ଫା ଥିଲା, କିନ୍ତୁ ଏବେ ମାତ୍ର ୯୦ଟି ଗୁମ୍ଫା ସୁରକ୍ଷିତ ଅଛି। ଗୁମ୍ଫା ଭିତରେ ନିର୍ମିତ ଘରଗୁଡ଼ିକ ୭ଟି କୋଠରିରେ ବିଭାଜିତ ହୋଇଥାଏ। ସେଗୁଡ଼ିକର ଲମ୍ବ ୨ ମିଟର ଏବଂ ଓସାର ୨୦ ବର୍ଗମିଟର। ଗୁମ୍ଫା ମଧ୍ୟରେ ସବୁପ୍ରକାର ସୁବିଧା ଉପଲବ୍ଧ। ବିଜୁଳି, ପାଣି ସପ୍ଲାଇ ସହିତ ଟିଭି, ଫ୍ରିଜ୍, କୁଲର ଆଦି ବ୍ୟବହାର ହୋଇଥାଏ।

ମେମନ୍ଦ ଗାଁର ଲୋକେ ମୁଖ୍ୟତଃ ପାର୍ସି ଧର୍ମ ଆପଣାଇଥାନ୍ତି। ଏଠାରେ ସବୁଠାରୁ ପୁରୁଣା ଧର୍ମ ହେଉଛି ପାର୍ସି ଧର୍ମ। ପୂର୍ବରୁ ବହୁ ସଂଖ୍ୟାରେ ପାର୍ସୀ ସେଠାରେ ରହୁଥିଲେ, ଯାହାର ନମୁନା କିଚନ ଦବାନ୍ଦୀ ନାମକ ଏକ ଗୁମ୍ଫା। ଏଠାରେ ପାର୍ସିମାନଙ୍କର ଏକ ମନ୍ଦିର ଥିବାର ପ୍ରମାଣ ମିଳିଛି। କିନ୍ତୁ ସେଠାରେ ସପ୍ତମ ଶତାବ୍ଦୀରେ ଇସଲାମ ଧର୍ମ ପ୍ରଚାରିତ ହେବାରୁ ଉକ୍ତ ନମୁନା ବିଲୁପ୍ତ ହୋଇଯାଇଛି।

**ସୁଧାଂଶୁ ଶେଖର ଦ୍ୱିବେଦୀ**
ବିସି-୭୪, ସଲ୍ଟଲେକ, କୋଲକାତା
ମୋ: ୯୮୩୧୭୭୩୫୧୨

ବୁଲାବୁଲି କରିବା ପାଇଁ ପିଲାଙ୍କୁ ଭାରି ଭଲ ଲାଗେ। ଏଥିପାଇଁ ତ ଅଭିଭାବକଙ୍କ ସହ ଶପିଂ କରିବାକୁ ମାର୍କେଟ ଯିବା ନିମନ୍ତେ ଅନେକ ସମୟରେ ଜିଦ୍ କରିଥାନ୍ତି। କିନ୍ତୁ ପିଲାଙ୍କର ଜିଦ୍ ବେଳେବେଳେ ଅଡୁଆ ପରିସ୍ଥିତି ସୃଷ୍ଟି କରିଥାଏ। ତେଣୁ ଶପିଂ ନିମନ୍ତେ କାହା ସହିତ ଯିବାବେଳେ ପିଲାଙ୍କୁ ମଧ୍ୟ କିଛି କଥା ପ୍ରତି ଧ୍ୟାନ ଦେବାକୁ ହେବ।



# ବଦଳାନ୍ତୁ ଅଭ୍ୟାସ

ଶପିଂରେ ଯିବା ପାଇଁ ସବୁ ପିଲାଙ୍କର ଆକର୍ଷଣ ଥାଏ। ଆଉ ବଜାରରେ ବିଭିନ୍ନ ଜିନିଷ ଦେଖିବାମାତ୍ରେ କିଛି କିଣିବା ପାଇଁ ବି ଇଚ୍ଛା ହୁଏ। ସେଥିପାଇଁ ଅନେକେ ମା'ବାପାଙ୍କ ପାଖରେ ଜିଦ୍ କରି ବସନ୍ତି। ବାହାରେ, ବଜାରରେ ପିଲାଙ୍କ ଜିଦ୍ ଦେଖି ମାତାପିତା ବେଳେବେଳେ ଅସ୍ୱାଭାବିକ ପରିସ୍ଥିତିରେ ପଡିଯାନ୍ତି। ଏମିତିକି ଅନେକ ସମୟରେ ନିଜ କ୍ଷମତା ବାହାରେ କିଛି କିଣିବା ପାଇଁ ବି ବାଧ୍ୟ ହୁଅନ୍ତି। କିନ୍ତୁ ବଜାରରେ ପିଲାମାନଙ୍କର ଏଭଳି ବ୍ୟବହାର ଆଦୌ ଠିକ୍ ନୁହେଁ। ତେଣୁ ସବୁ ପିଲା ଶପିଂରେ ଯିବା ପୂର୍ବରୁ ହିଁ ନିଜ ବ୍ୟବହାର କିପରି କରିବେ ଜାଣି ରଖିବା ଦରକାର।

## ଆବଶ୍ୟକତା ଚିନ୍ତା

ପିଲାମାନେ ଶପିଂରେ ଅଭିଭାବକଙ୍କ ସହିତ ଯିବା ଯଦିଓ ଏତେ ଜରୁରୀ ନୁହେଁ କିନ୍ତୁ ନିଜ ମନଖୁସି କରିବା ପାଇଁ ଅନେକେ ଯାଆନ୍ତି। ପିଲାଙ୍କ ପାଇଁ କ'ଣ ସବୁ ଦରକାର ସେକଥା ଅଭିଭାବକମାନେ ଭଲଭାବେ ଜାଣିଥାନ୍ତି। ଏହା ସତ୍ତ୍ୱେ ପିଲାଙ୍କୁ ଖୁସି କରିବା ପାଇଁ ଶପିଂ କରିବାବେଳେ ସାଙ୍ଗରେ ନେଇଯାଆନ୍ତି। ତେଣୁ ପିଲାମାନେ ମାର୍କେଟରେ କେବଳ ବୁଲାବୁଲି କରିବା ଦରକାର, କିନ୍ତୁ କୌଣସି ଜିନିଷ କିଣିବା ପାଇଁ ଇଚ୍ଛା କରିବା ଠିକ୍ ନୁହେଁ। ତଥାପି କିଛି କିଣିବାକୁ ଚାହୁଁଛନ୍ତି ପ୍ରଥମେ ତାହା ଆବଶ୍ୟକ କି ନା ବିଚାର କରନ୍ତୁ। ଯଦି ପାଠପଢା ପାଇଁ ଆବଶ୍ୟକ କିମ୍ବା ଅନ୍ୟ କୌଣସି କାମ ପାଇଁ ଆବଶ୍ୟକ ତା'ହେଲେ କିଣିବା ପାଇଁ କୁହନ୍ତୁ। ନଚେତ୍ ଆବଶ୍ୟକ ନ ଥାଇ କୌଣସି ଜିନିଷ ନିଜେ କିଣିବା ପାଇଁ କହିବା ଠିକ୍ ନୁହେଁ।



## ଜିଦ୍ କରନ୍ତୁ ନାହିଁ

ପିଲାମାନେ ଘରଲୋକଙ୍କ ସହ ଶପିଂରେ ଯାଇଥିଲେ କିଛି ଜିନିଷ କିଣିବାକୁ ଜିଦ୍ କରିବା ଆଦୌ ଠିକ୍ ନୁହେଁ। ଏମିତିକି ସେହି ଜିନିଷ ନିଜ ବ୍ୟବହାର ପାଇଁ ଜରୁରୀ ହୋଇଥିଲେ ବି ଜିଦ୍ କରିବା କଥା ନୁହେଁ। କାରଣ ସମ୍ପୃକ୍ତ ଜିନିଷ କିଣିବା ପାଇଁ ଅଭିଭାବକଙ୍କ ପାଖରେ ଯଥେଷ୍ଟ ପଇସା ଅଛି କି ନାହିଁ ସେକଥା ଜାଣିବା ଦରକାର। ଏହି ଦୃଷ୍ଟିରୁ ବିଚାର କରି ପ୍ରଥମେ ଅଭିଭାବକଙ୍କ ଆଗରେ ନିଜ ମନ କଥା କୁହନ୍ତୁ। ପ୍ରକୃତରେ ଜିନିଷଟିର ଆବଶ୍ୟକତା ରହିଛି ବୋଲି ତାଙ୍କୁ ଅନୁଭବ କରିବାକୁ ଦିଅନ୍ତୁ। ପିଲାଙ୍କର ଆବଶ୍ୟକତା ପୂରଣ କରିବା ପାଇଁ ପ୍ରତ୍ୟେକ ମାତାପିତା ଚାହିଁଥାନ୍ତି। ତେଣୁ ଜିଦ୍ କରି ମା'ବାପାଙ୍କୁ କିଛି ବି ମାଗିବା ଭଲ ଅଭ୍ୟାସ ନୁହେଁ।

## ଅନୁକରଣ କରନ୍ତୁ ନାହିଁ

ବେଳେବେଳେ ପିଲାମାନେ ପଡ଼ିଶା ଘରେ କିମ୍ବା ସାଙ୍ଗମାନଙ୍କ ପାଖରେ କିଛି ଜିନିଷକୁ ଦେଖି ନିଜ ପାଇଁ ସେମିତି କିଛି ଆଣିବା ପାଇଁ କହିଥାନ୍ତି। ମାତ୍ର ଏପରି କରିବା ଦ୍ୱାରା ଅନେକ ସମୟରେ ମାତାପିତାଙ୍କୁ ବେଳେବେଳେ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡିଥାଏ। ନିଜ ପାଖରେ ଯେଉଁସବୁ ଖେଳନା ଅଥବା ଅନ୍ୟ ସାମଗ୍ରୀ ଅଛି ସେଥିରେ ଖୁସି ରହିବାକୁ ଚେଷ୍ଟା କରନ୍ତୁ। ଅବଶ୍ୟ ନିଜର ସେଭଳି କିଛି ଜିନିଷ ଦରକାର ବୋଲି ମା'ବାପାଙ୍କ ଆଗରେ ବିନୟଭାବେ କହିପାରନ୍ତି। ଯଦି ଘରଲୋକେ ସେସବୁ ଜିନିଷ ପିଲାମାନଙ୍କ ପାଇଁ ଆବଶ୍ୟକ ବୋଲି ଅନୁଭବ କରନ୍ତି ନିଶ୍ଚୟ ଦେବେ ବୋଲି ବିଶ୍ୱାସ ରଖନ୍ତୁ। ମାତ୍ର ସାଙ୍ଗମାନଙ୍କ ଆଗରେ କେବଳ ବଡିମା ଦେଖାଇବା ପାଇଁ କିଛି କିଣିବା ପାଇଁ କୁହନ୍ତୁ ନାହିଁ।

## ପାଖ ଦୋକାନରୁ କିଣେ



ଦୋକାନରୁ କିଛି କିଣିବା ପାଇଁ ମୁଁ ଜିଦ୍ କରେନି ସତ କିନ୍ତୁ ମୋର କିଛି ଦରକାରୀ ଜିନିଷ କିଣିବାକୁ ପାଖ ଦୋକାନକୁ ଯାଏ। ସେଥିପାଇଁ ପ୍ରାୟ ମାମାଠୁ ପଇସା ନିଏ। ଅନେକ ସମୟରେ ମୋର ପ୍ରୋଜେକ୍ଟ କାମ ପାଇଁ ବିଭିନ୍ନ ଜିନିଷ କିଣିବାକୁ ପଡେ ଓ ପ୍ରିଣ୍ଟଆଉଟ୍ ବି ଆଣିବାକୁ ହୁଏ। ଏସବୁ ଜିନିଷ ମୋର ନିହାତି ଦରକାର ବୋଲି କହିବା ପରେ ମାମା ମତେ ଘରପାଖ ଦୋକାନରୁ କିଣିବା ପାଇଁ କହନ୍ତି। ଆଉ ଘରଲୋକଙ୍କ ସାଙ୍ଗରେ ମାର୍କେଟ ଯିବାବେଳେ ମୋର ଯାହା କିଣିବାକୁ ଇଛା ହୁଏ ପ୍ରଥମେ ମାମାଙ୍କୁ କୁହେ, ତାଙ୍କର ସୁବିଧା ଥିଲେ ସେ କିଣି ଦିଅନ୍ତି।

**– ସୃଷ୍ଟିସ୍ୱରୂପା ପୁରୀ,** କ୍ଲାସ– ୭, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, କଟକ ସଦର, କଟକ

## ଏବେ ଜିଦ୍ କରୁନାହିଁ



ଆଗରୁ ସବୁବେଳେ ମାର୍କେଟ ଯିବାପାଇଁ ଜିଦ୍ କରୁଥିଲି, ଆଉ ଖେଳଣା ଦୋକାନ ଛାଡି ଆଦୌ ଆସୁ ନ ଥିଲି। ମା 'ବାପା ଯାହା ସାଙ୍ଗରେ ଯାଉଥିଲି ତାଙ୍କୁ ଖେଳଣା କିଣିବା ପାଇଁ ବାଧ୍ୟ କରୁଥିଲି। ଖେଳଣା ନ ମିଳିଲେ ରାସ୍ତାରେ ଛିଡାହୋଇ କାନ୍ଦୁଥିଲି। କିନ୍ତୁ ଏବେ ମୁଁ ବୁଝିପାରିଛି ମୋର ଏଭଳି ଗୁଣ ପାଇଁ ମାମା କେତେ ଅସୁବିଧାରେ ପଡୁଥିଲା। ମାମା ସବୁବେଳେ ମତେ ଏମିତି ନ କରିବା ପାଇଁ ବୁଝାଉଥିଲା। ଏବେ ଆଉ କିଛି କିଣିବା ପାଇଁ ଜିଦ୍ କରୁନି। ମୋ ପାଇଁ ଯାହା ବି ଦରକାର ମାମା, ବାପା ସବୁ କିଛି ଆଣି ଦେଉଛନ୍ତି।

**– ସାଇ ଶାଶ୍ୱତ ବେହେରା** କ୍ଲାସ– ୫, ନିୟୁ ଇଣ୍ଡିଆ ପବ୍ଲିକ ସ୍କୁଲ, କଟକ

## ଆବଶ୍ୟକ ଥାଏ



ମୋ ଇଚ୍ଛା ଅନୁସାରେ କିଛି ଜିନିଷ କିଣା ନ ହେଲେ ମନଦୁଃଖ ହୁଏ ସତ କିନ୍ତୁ ଜିଦ୍ କରେନି। ଆଜି ସୁଦ୍ଧା ଯାହା ବି ଜିନିଷ ମାର୍କେଟରେ ଥିଲାବେଳେ କିଣିବା ପାଇଁ କହିଛି ପ୍ରଥମେ ମାମାକୁ ଧୀର ସ୍ୱରରେ କୁହେ। ଯଦି ମାମା ରାଜି ହୁଏ ତା'ହେଲେ କିଣାହୁଏ। ଅବଶ୍ୟ ବେଳେବେଳେ ବାବା ମତେ କିଣିଦିଅନ୍ତି। ମାମା କହେ କିଛି ଦିନ ଆଡଜଷ୍ଟ କର ତା'ପରେ କିଣାହବ। ଆଗରୁ ମାମାର ଏମିତି କଥା ବିରକ୍ତ ଲାଗୁଥିଲା, କିନ୍ତୁ ଏବେ ବୁଝିପାରୁଛି କି ପ୍ରତ୍ୟେକ ଜିନିଷର ସଦ୍‌ବ୍ୟବହାର କରିବା ପାଇଁ ମାମା ଏମିତି କହେ। ଏବେ କିଛି କିଣିବା ପାଇଁ କହିଲେ ପ୍ରଥମେ ତା'ର ଆବଶ୍ୟକତା ବିଷୟରେ ଜଣାଉଛି। ତେଣୁ ସାଙ୍ଗେ ସାଙ୍ଗେ ମୋ ପାଇଁ ବାବା କିଣି ଆଣୁଛନ୍ତି।

**– ଆୟୁଷ୍ମାନ ମହାନ୍ତି,** କ୍ଲାସ– ୫, ଷ୍ଟିୱାର୍ଟ ସ୍କୁଲ, ୟୁନିଟ–୮, ଭୁବନେଶ୍ୱର



୧



୨



୩



୪



୫



୬



୭

୧



**ଆୟୁଷ ମିଶ୍ର**
କ୍ଲାସ୍– ୮, ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ ସ୍କୁଲ, ବିଜେବି ନଗର, ଭୁବନେଶ୍ୱର

୨

**ଇଧିକା ମହାପାତ୍ର**
କ୍ଲାସ୍– ୩, ଏଲ୍ଆର୍ ଡିଏଭି ପବ୍ଲିକ ସ୍କୁଲ, କଟକ



୩



**ଦିବ୍ୟଜ୍ୟୋତି ବେହେରା**
କ୍ଲାସ୍– ୩, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଭୁବନେଶ୍ୱର

୪

**କ୍ରିଷ୍ଣା ନାଥ**
କ୍ଲାସ୍–୩, ଖଡାଲ ପୋଖରୀ ୟୁପି ସ୍କୁଲ, ଘଣ୍ଟେଶ୍ୱର, ଭଦ୍ରକ



୫



**ଗୀତେଶ ରାଉତ**
କ୍ଲାସ୍–୮, ବିବେକାନନ୍ଦ ପବ୍ଲିକ ସ୍କୁଲ, ବାଙ୍କୀ, କଟକ

୬

**ପ୍ରତୀକ୍ଷା ମହାପାତ୍ର**
କ୍ଲାସ୍–୬, କେନ୍ଦ୍ରୀୟ ବିଦ୍ୟାଳୟ, ଜଗତ୍ସିଂହପୁର



୭



**ରିୟାନ୍ସ ପଣ୍ଡା**
କ୍ଲାସ୍–୪, ନ୍ୟୁ ହରାଇଜନ୍ ଗୁରୁକୁଳ, ବେଙ୍ଗାଲୁରୁ

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# ଥରକେ ଭାଙ୍ଗିଲେ ୧୯୮ ବୋର୍ଡ




ମାତ୍ର ୧ ମିନିଟରେ ଜଣେ କେତୋଟି ପାଇନ୍ ବୋର୍ଡ(କାଠ ପଟା) ଭାଙ୍ଗିପାରିବ ବୋଲି ଆମେ ଭାବିପାରିବା ! ଅତିକମ୍‌ରେ ୨ କିମ୍ବା ୩ ଅଥବା ୫ଟି ହୋଇପାରେ। କିନ୍ତୁ ଜଣେ ବ୍ୟକ୍ତି ଏହି ସମୟ ମଧ୍ୟରେ ପ୍ରାୟ ୨୦୦ ପାଖାପାଖି ପାଇନ୍ ବୋର୍ଡ ଭାଙ୍ଗିପାରିବ ବୋଲି କେହି କେବେ ବିଶ୍ୱାସ କରିପାରିବେ ନାହିଁ। ଆଶ୍ଚର୍ଯ୍ୟଜନକଭାବେ ଏଭଳି ଏକ କାମକୁ କରି ଦେଖାଇଛନ୍ତି ୟୁକ୍ରେନର ଇଗୋର କାପୁରା। ଇଗୋର ମାତ୍ର ୧ ମିନିଟରେ ମୋଟ ୧୯୮ଟି ପାଇନ୍ ବୋର୍ଡ ଭାଙ୍ଗି ରେକର୍ଡ କରିଛନ୍ତି। ଇଗୋର ହେଉଛନ୍ତି ଜଣେ କରାଟେ ଶିକ୍ଷକ। ସେ ତାଙ୍କ ଗୋଡ଼ରେ ଥରକେ ୩ଟି ଲେଖାଏଁ କରି ସବୁ କାଠବୋର୍ଡଗୁଡ଼ିକୁ ଅତି ଶୀଘ୍ର ଭାଙ୍ଗ ପାରିଛନ୍ତି। ଇଗୋର ଗତବର୍ଷ ଜୁଲାଇରେ ଏହି କାମ କରି ଗିନିଜ୍ ରେକର୍ଡରେ ସ୍ଥାନ ପାଇଛନ୍ତି। କିନ୍ତୁ ଏ ପର୍ଯ୍ୟନ୍ତ ତାଙ୍କର ଏହି ରେକର୍ଡକୁ କେହି ଭାଙ୍ଗିପାରି ନାହାନ୍ତି।

## ଏଥରର

- ଶ୍ୱାସକ୍ରିୟାରେ କେଉଁ ଗ୍ୟାସ୍ ଗ୍ରହଣ କରେ ଉଦ୍ଭିଦ ?
- କେଉଁ ଭିଟାମିନ୍ ଅଭାବରେ ବେରି ବେରି ରୋଗ ହୁଏ ?
- ମଣିଷ ଶରୀରର କେଉଁ ଅଙ୍ଗ ରକ୍ତ ପରିଷ୍କାର କରିବାରେ ସାହାଯ୍ୟ କରେ ?
- ତିନି ଅଙ୍କବିଶିଷ୍ଟ ସବୁଠୁ କ୍ଷୁଦ୍ର ଅଙ୍କ ?
- କେଉଁ ଜୀବର ଫିଙ୍ଗରପ୍ରିଣ୍ଟ ମଣିଷ ସହ ପ୍ରାୟ ସମାନ ?

## ଗତଥରର ଉ ତ୍ତ ର

- ୫
- ଇଣ୍ଡିଆନ ପ୍ରିମିୟର ଲିଗ୍
- କୋଲକାତା
- ରେସଲିଂ (ମଲ୍ଲଯୁଦ୍ଧ)
- ପୁଣେ

## ପାଇବନି କେବେ ସେ ସୁଖ



ଦେଖିଲା କୁଆ କୋଇଲିକି ଦିନେ
ବସିଛି ଆମ୍ବ ଡାଳେ
କୁହୁ କୁହୁ ସ୍ୱରେ ଗାଉଛି ଗୀତ
ପାହାନ୍ତି ସକାଳ ବେଳେ।
କହିଲା କୁଆ, କୋଇଲି ନାନୀ
ଏତେ ସକାଳୁ କିଆଁ
ରାତିରେ ବୋଧେ ଫେରିନ ବସା
ଆସିଛ ଏକ ମୁହାଁ।
ବସାଟି ମୋର ଯାଇଛି ଭାଙ୍ଗି
ରହିବା ପାଇଁଟି ନାହିଁ
ଛୁଆ ଦୁହିଁଙ୍କୁ ଥଣ୍ଟରେ ଧରି
ଆସିଛି ଧାଇଁ ଧାଇଁ।
କୁଆଡୁ ଆସିଲା ହନୁମାଙ୍କଡ଼
ଡାଳକୁ ଡାଳ ଡେଇଁ
ଭାଙ୍ଗିଲା ସବୁ ଗଛର ଡାଳ
ବସା ରହିଲା ନାହିଁ।
କୁଆ କହିଲା କୋଇଲି ନାନୀ
କରନି ମନ ଦୁଃଖ
ଯିଏ ଯାହାର ଅନିଷ୍ଟ କରିବ
ପାଇବନି କେବେ ସେ ସୁଖ।

– ସୁବ୍ରତ ଦାସ
ରାଜେନ୍ଦ୍ରପୁର,ବାରିକପୁର ବଜାର,ଭଦ୍ରକ
ମୋ:୯୪୩୭୭୩୧୯୦୩

## କ ବି ତା

## ଜ୍ଞାନ ପ୍ରଦୀପ

ଜ୍ଞାନବାନ ସିନା ଜ୍ଞାନଲାଭ ଆଶା
ମନରେ ଜାଗ୍ରତ କରେ
ଜ୍ଞାନଲାଭ ପାଇଁ ସେହି ଜ୍ଞାନୀ
ବିଭିନ୍ନ ଉପାୟ ଧରେ।
ଜୀବନରେ ଜ୍ଞାନ ଆବଶ୍ୟକ ହୁଏ
ତା' ବିନା ଗତି ନାହିଁ
ଜ୍ଞାନହୀନ ଲୋକ ଅଜ୍ଞାନ ବୋଲାଏ
ତା' ବିନା ମୁକ୍ତି କାହିଁ ?
ଜ୍ଞାନର ଆଲୋକ ପ୍ରଜ୍ୱଳିତ କରି
ଅଜ୍ଞାନ କରିବା ନାଶ
ଜ୍ଞାନାର୍ଜନ ପାଇଁ ଜ୍ଞାନ ପିପାସୁ ହେ
ଆଗଭର ହୋଇ ଆସ।
ଜ୍ଞାନର ପ୍ରଦୀପ ଜଳାଇବା ଆସ
ଅଜ୍ଞାନ ହଟାଇ ଦେବା
ଜ୍ଞାନର ପ୍ରଦୀପ ଜଳାଇବା ପାଇଁ
ସଭିଏଁ ଶପଥ ନେବା।

– ନିରଞ୍ଜନ ସାହୁ
ନିହଲ ପ୍ରସାଦ, ଗଁଦିଆ ପାଟଣା,
ଢେଙ୍କାନାଳ
ମୋ: ୯୯୩୮୭୪୧୫୮୩

## ମଜା ଲାଗେ ଶୀତ



ଭାରି ମଜା ଲାଗେ ଶୀତୁଆ ସକାଳ
ଦେହରେ ବାଜିଲେ ଖରା
କାକର ଫୁଲରେ ଭଅଁର ଉଡୁଛି
ଭଅଁ ଭଅଁ କରି ପରା।
ମୁନି ବସିଅଛି ବହିକୁ ମେଲେଇ
ମୁନା ଲେଖେ ହସ୍ତାକ୍ଷର
କହୁଁଲା ବାଛୁରୀ ଫକ ଫକ ଡିଏଁ
ଶୀତକୁ ନାହିଁ ତା' ଡର।
ହଳଦିଆ ଗେଣ୍ଡୁ ଘର ଅଗଣାରେ
ଫୁଟି ମହ ମହ ବାସେ
ସୋରିଷ ଫୁଲରେ ଗୁଣୁ ଗୁଣୁ କରି
ଚିକି ମହୁମାଛି ବସେ।
ଗରମ ପୋଷାକ ପାଖରେ ଥିଲେରେ
ଶୀତ ଲାଗେ ଭାରି ମଜା
ନିଆଁ ଅନ୍ତରାରେ ଗପ କହିଥାନ୍ତି
ପାଖେ ବସି ଆମ ଅଜା।

– ପ୍ରତିଭା ସାହୁ
ବଇଣ୍ଡା, ଅନୁଗୋଳ
ମୋ: ୭୦୦୮୨୩୬୯୯୧

## କହିଲ ଦେଖି



ହାତରେ ତାଙ୍କର ଥାଏ ଲଙ୍ଗଳ
ଶେଷନାଗର ସିଏ ଅବତାର।
ରୋହିଣୀ ଗର୍ଭରୁ ହୋଇଲେ ଜାତ
ଶ୍ରୀକୃଷ୍ଣଙ୍କର ସେ ଯେ ଜ୍ୟେଷ୍ଠ ଭ୍ରାତ।
ଗହ୍ମା ପୂନେଇଁରେ ତାଙ୍କ ଜନମ
କୁହ ପିଲେ କ'ଣ ତାଙ୍କର ନାମ।

**ଉତ୍ତର– ବଳରାମ**



ଅଗ୍ରପୂଜ୍ୟ ସିଏ ସବୁ ପୂଜାରେ
ମୂଷା ଥାଏ ସଦା ତାଙ୍କ ପାଖରେ।
ପେଟ, କାନ ତାଙ୍କ ବଡ଼ ଦିଶଇ
କାର୍ତ୍ତିକେୟ ଅଟନ୍ତି ତାଙ୍କ ଭାଇ।
ରାଶି ଲଡୁ ଅଟେ ତାଙ୍କର ପ୍ରିୟ
ଯିଏ ଜାଣ ତାଙ୍କ ନାମଟି କୁହ।

**ଉତ୍ତର– ଗଣେଶ**



ମୁଣ୍ଡରେ ଶୋଭା ତାଙ୍କ ଶିଖୀ ଚୂଳ
ତାଙ୍କ ବଂଶୀ ସ୍ୱର ଲାଗେ ମଧୁର।
ନନ୍ଦ ଯଶୋଦାଙ୍କ ନୟନ ତାରା
ଅଷ୍ଟ ମଲ୍ଲ ନାଶିଛନ୍ତି ସେ ପରା।
ଦହି ଲହୁଣୀ ତାଙ୍କ ପ୍ରିୟ ଭୋଜନ
କୁହ ପିଲେ ତାଙ୍କ ନାମଟି କ'ଣ ?

**ଉତ୍ତର– ଶ୍ରୀକୃଷ୍ଣ**

– ସନ୍ତୋଷ କୁମାର ଅଦାବର
ବୀରମହାରାଜପୁର, ସୁବର୍ଣ୍ଣପୁର
ମୋ: ୯୭୭୭୯୧୦୭୨୮

# ବିଶାଳ ଜଳପ୍ରପାତ



ପିଲାମାନେ, ତୁମେମାନେ ତ ଜଳପ୍ରପାତ ବା ୱାଟରଫଲ୍ ଦେଖିଥିବ। ଏହି ପ୍ରାକୃତିକ ଦୃଶ୍ୟ ବେଶ୍ ମନୋରମ ହୋଇଥାଏ। ବିଶେଷଭାବରେ ପିକ୍‌ନିକ୍ ଋତୁରେ ଏଭଳି ସ୍ଥାନର ଚାହିଦା ବେଶି। ଜଳପ୍ରପାତ ପାଣିରେ ଗାଧୋଇବାର ମଜା ନିଆରା। ବିଶ୍ୱର  ଅନ୍ୟତମ ବିଶାଳ ଜଳପ୍ରପାତ ଭାବରେ ଇଗୁଆଜୁ ଜଳପ୍ରପାତକୁ ଗ୍ରହଣ କରାଯାଇଛି। ଦୁଇଟି ଦେଶ-ବ୍ରାଜିଲ ଏବଂ ଆର୍ଜେଣ୍ଟିନା ସୀମାରେ ଏହି ଜଳପ୍ରପାତ ଅବସ୍ଥିତ।  ଏହାର ପାଦଦେଶରେ ଠିଆ ହୋଇ ଉପରକୁ ଚାହିଁଲେ ପ୍ରାକୃତିକ ଦୃଶ୍ୟରାଜିକୁ ଜଣେ ସହଜରେ ଆଖି ଫେରାଇ ଆଣିପାରି ନ ଥାଏ। କାହିଁ କେତେ ଉଚ୍ଚରୁ ପାଣି ଝରୁଥିବାର ଦେଖାଯାଇଥାଏ। ବର୍ଷାଦିନେ ଏଠାକାର ପରିବେଶ ଆହୁରି ମନୋରମ ହୋଇଉଠେ। ପ୍ରବଳ ବର୍ଷା ହେଉଥିବା ବେଳେ ଜଳପ୍ରପାତ ପାଖରେ ଇନ୍ଦ୍ରଧନୁର ଦୃଶ୍ୟ ପର୍ଯ୍ୟଟକଙ୍କ ମନକୁ ଚୋରାଇ ନେଇଥାଏ। ବର୍ଷ ତମାମ ଏଠାକୁ ଦେଶବିଦେଶରୁ ପର୍ଯ୍ୟଟକ ବୁଲିବାକୁ ଆସିଥାଆନ୍ତି।

# ଦାମୀ ହୀରା


ପିଲାଏ, ତୁମେମାନେ ଜାଣିଥିବ ହୀରା ଏକ ଅମୂଲ୍ୟ ସମ୍ପଦ। ସେଭଳି ଆର୍ଥିକ ସ୍ଥିତି ନ ଥିଲେ ଜଣେ ଏହାକୁ କିଣିବା ପ୍ରାୟ ସମ୍ଭବ ନୁହେଁ। ଦାମୀ ହୀରା ଭାବରେ ବହୁତ ବର୍ଷ ଧରି କୋହିନୂର ହୀରାକୁ ଗ୍ରହଣ କରାଯାଇଛି। ଚତୁର୍ଦ୍ଦଶ ଶତାବ୍ଦୀରେ ଏହି ହୀରାକୁ ଆନ୍ଧ୍ର ପ୍ରଦେଶର ଗୋଲକୁଣ୍ଡା ହୀରାଖଣିରୁ ସଂଗ୍ରହ କରାଯାଇଥିଲା। କିନ୍ତୁ ଏହାଠାରୁ ଆଉ ଏକ ଦାମୀ ହୀରା ମିଳିଛି। ୧୯୦୫ ଜାନୁୟାରୀ ୨୬ରେ ଉକ୍ତ ଚର୍ଚ୍ଚିତ ହୀରା ଦକ୍ଷିଣ ଆଫ୍ରିକାସ୍ଥିତ ପ୍ରିଟୋରିଆ ହୀରା ଖଣିରୁ ମିଳିଥିଲା। ଏହାର ନାମ ରଖାଯାଇଥିଲା 'କଲିନନ୍ ହୀରା'। ୩୧୦୬ କ୍ୟାରେଟ୍ ବିଶିଷ୍ଟ ଏହି ହୀରାକୁ ପରବର୍ତ୍ତୀ ସମୟରେ ବ୍ରିଟେନର ରାଜା ଏଡ୍‌ୱର୍ଡ-ସପ୍ତମଙ୍କୁ ତାଙ୍କ ଜନ୍ମଦିନ ଅବସରରେ ଉପହାର ଭାବରେ ପ୍ରଦାନ କରାଯାଇଥିଲା। ଏହି ହୀରାଟି ଏତେ ବିଶାଳ ଥିଲା ଯେ ତାହାକୁ କାଟିବାକୁ ରାଜା ଏକ ହୀରା କମ୍ପାନୀର ସହାୟତା ଲୋଡ଼ିଥିଲେ। କାଟିବା ପରେ ଏହାକୁ ୯ଟି ବଡ଼ ଏବଂ ୧୦୦ଟି ଛୋଟ ଖଣ୍ଡରେ ବିଭକ୍ତ କରାଯାଇଥିଲା। ହେଲେ ଏହାର ମୂଲ୍ୟ କେତେ ଥିଲା ଜାଣିଛ ? ଉକ୍ତ ବିଶାଳ ହୀରାର ମୂଲ୍ୟ ଥିଲା ୩୧୦୦ କୋଟି।



# ପକ୍ଷୀଙ୍କ ପାଇଁ ପାସ୍‌ପୋର୍ଟ

ପକ୍ଷୀମାନଙ୍କ ପାଇଁ ପାସ୍‌ପୋର୍ଟ-ଏକଥା ଶୁଣିଲେ କେତକେ ହୁଏତ ଆଶ୍ଚର୍ଯ୍ୟ ହୋଇପାରନ୍ତି। କିନ୍ତୁ ଏଭଳି କଥା ପଛରେ ସତ୍ୟତା ରହିଛି। ପକ୍ଷୀ ପାଳିବା ଅନେକଙ୍କର ଏକ ସଉକ। କେବଳ ସେତିକି ନୁହେଁ, ଏଭଳି କେତେକ ଦେଶ ଅଛି ଯେଉଁ ଦେଶର ନାଗରିକମାନେ ବିମାନରେ ଯାତ୍ରା କରିବା ସମୟରେ ସାଙ୍ଗରେ ପକ୍ଷୀ ନେଇଥାଆନ୍ତି। ବାସ୍, ଏଥିଲାଗି ସେମାନଙ୍କର ପାସ୍‌ପୋର୍ଟ ପ୍ରସ୍ତୁତ କରାଯାଇଥାଏ। ୟୁନାଇଟେଡ୍ ଆରବ ଏମିରେଟ୍(ୟୁଏଇ)ର ଅନେକ ଧନୀଶ୍ରେଣୀୟ ବ୍ୟକ୍ତି ଯେତେବେଳେ ବିମାନରେ ବିଦେଶ ଯାଆନ୍ତି ସେତେବେଳେ ସାଙ୍ଗରେ ପାଳିଥିବା ପକ୍ଷୀମାନଙ୍କୁ ନେଇଥାଆନ୍ତି। ଏଥିପାଇଁ ସାଙ୍ଗରେ ନେଉଥିବା ପକ୍ଷୀମାନଙ୍କର ପାସ୍‌ପୋର୍ଟ ପ୍ରସ୍ତୁତ କରିବାକୁ ଭୁଲି ନ ଥାନ୍ତି। ସବୁଠାରୁ ଖାସ୍ କଥା ହେଲା, ଏହି ଦେଶରେ ପକ୍ଷୀମାନଙ୍କୁ ଏକାଥରେ ତିନିବର୍ଷ ପାଇଁ ପାସ୍‌ପୋର୍ଟ ପ୍ରଦାନ କରାଯାଏ। ଗୋଟିଏ ପକ୍ଷୀ ପାଇଁ ପାସ୍‌ପୋର୍ଟ ପ୍ରସ୍ତୁତ କରିବାକୁ  ପାଖାପାଖି ୫,୦୦୦ ଟଙ୍କା  ଦେବାକୁ ପଡ଼ିଥାଏ। ୨୦୧୭ରେ ୟୁଏଇର ରାଜା ଏକ ବିମାନର ଅଧା ସିଟ୍ କେବଳ ପକ୍ଷୀମାନଙ୍କ ପାଇଁ ବୁକ୍ କରିଥିଲେ। ଅନ୍ୟ ସମୟରେ ସେ ଯେତେବେଳେ ବିଦେଶକୁ ଯାଆନ୍ତି ସେହି ବିମାନରେ ପାଖାପାଖି ୪୦ଟି ସିଟ୍ ପକ୍ଷୀମାନଙ୍କ ପାଇଁ ରିଜର୍ଭ କରିଥାଆନ୍ତି।





# ଗୋଟିଏ ଦେଶରେ ଷ୍ଟେଜ୍ ଅନ୍ୟ ଦେଶରେ ଗ୍ୟାଲେରି

ସାଧାରଣତଃ ଷ୍ଟେଜ୍‌ରେ ସଭା, ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷିତ ହୋଇଥାଏ। ବିଶ୍ୱରେ ଏଭଳି ଦୁଇଟି ଦେଶ ଅଛି ଯାହା ଷ୍ଟେଜ ପାଇଁ ଚର୍ଚ୍ଚିତ। ଅସଲ କଥା ହେଲା ଏହି ଅଦ୍ଭୁତ ଷ୍ଟେଜ୍ ଦୁଇ ଦେଶର ସୀମାରେ ଅବସ୍ଥିତ। ହେଲେ ଏହାର ଆଉ ଏକ ବିଶେଷତ୍ୱ ରହିଛି। ଯେହେତୁ ଷ୍ଟେଜ୍ ନିର୍ମାଣ କରାଯାଇଛି, ସମ୍ମୁଖ ଭାଗରେ ଦର୍ଶକ ବସିବା ପାଇଁ ବ୍ୟବସ୍ଥା ନିଶ୍ଚୟ ଥିବ। ହଁ, ତାହା ତ ରହିଛି। ହେଲେ ଏହାର ଗ୍ୟାଲେରି ଅନ୍ୟ ଏକ ଦେଶରେ ଅବସ୍ଥିତ। କେବଳ ଷ୍ଟେଜ୍ ଆଉ ଗ୍ୟାଲେରିକୁ ବିଭାଜନ କରୁଛି ଦୁଇ ଦେଶର ସୀମାରେଖା। ଏହି ଦେଶ ଦ୍ୱୟ ହେଲା ଆମେରିକା ଏବଂ କାନାଡା। ଉକ୍ତ ଦେଶ ଦୁଇଟିର ସୀମାରେ ରହିଛି  'ହସକେଲ୍ ଫ୍ରି ଲାଇବ୍ରେରି ଆଣ୍ଡ ଅପେରା ହାଉସ୍'। ଏହାକୁ ଉଭୟ ଆମେରିକା ଏବଂ କାନାଡା ସୀମାରେ ନିର୍ମାଣ କରାଯାଇଛି। ଦର୍ଶକମାନଙ୍କ ସୁବିଧା ପାଇଁ କାନାଡା ସୀମାରେ ରହିଛି ଦର୍ଶକ ଗ୍ୟାଲେରି। କେବଳ ସେତିକି ନୁହେଁ, ଦୁଇ ଦେଶର ସହମତି ଅନୁସାରେ ଏହି ଲାଇବ୍ରେରିର କିଛି ଅଂଶ କାନାଡା ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଛି। ୧୯୦୪ ଜୁନ୍ ୭ରେ ଏହାକୁ ନିର୍ମାଣ କରାଯାଇଥିଲା। ଏଠାରେ ଏ ପର୍ଯ୍ୟନ୍ତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି। ବର୍ଷତମାମ ଏଠାରେ ଦର୍ଶକ ଏବଂ ପାଠିକା-ପାଠକଙ୍କର ସମାଗମ ଲାଗି ରହିଥାଏ।

# ଆଇନା



ଲକ୍ଷ୍ମୀପ୍ରିୟା ପ୍ରଧାନ
୯ ବର୍ଷ / ଢେଙ୍କାନାଳ



ବୈଷ୍ଣବୀ ପାତ୍ର
୧୨ ବର୍ଷ / ଭୁବନେଶ୍ୱର